ସଂଗ୍ରହ ପାଇଁ କୋନ୍ ଆକୃତିର ଏକ ଗଦା କରାଯାଏ ଏବଂ ଏହି ଗଦାରୁ



କମ୍ପୋଷ୍ଟ ବାହାର କରାଯାଏ। ପ୍ରକୃତି ଅନୁଯାୟୀ ଜିଆ ତଳକୁ ଗତିକରେ ଏବଂ ଆହୁରି ଭିତରକୁ ଚାଲିଯାଏ। ସବୁତକ କମ୍ପୋଷ୍ଟ ସଂଗ୍ରହ ହେବା ପର୍ଯ୍ୟନ୍ତ ସେହିଭଳି ଉପାୟରେ ଗଦାକରି ରଖାଯାଏ। ତା'ପରେ ଜିଆଗୁଡ଼ିକୁ ସଂଗ୍ରହ କରି ବିହନ ପିଣ୍ଡ ଆକାରରେ ସାଇତି ରଖାଯାଏ ଓ ପୁନଶ୍ଚ କମ୍ପୋଷ୍ଟ ପାଇଁ ବ୍ୟବହାର କରାଯାଏ। ଜୈବିକ ପଦାର୍ଥରୁ ଶତକଡ଼ା ୩୦-୪୦ ଭାଗ କିମ୍ବା ଏକ ତୃତୀୟାଂଶ କମ୍ପୋଷ୍ଟ ସଂଗ୍ରହ ହୁଏ। ଏହି ଭର୍ମି କମ୍ପୋଷ୍ଟକୁ ଛାଇରେ ଶୁଖାଇ ପଲିଥିନ ଜରିରେ ପ୍ୟାକେଟ୍ କରି ବା ବସ୍ତାରେ ସାଇତି ରଖାଯାଏ ଓ ଆବଶ୍ୟକମୁତାବକ ଫସଲରେ, ଫୁଲରେ ଓ ଫଳ ଗଛରେ ବ୍ୟବହାର କରାଯାଏ।

ଏ ହଜାର ଜିଆ ଦିନକୁ ୫ କେଜି ଜୈବିକ ପଦାର୍ଥକୁ କମ୍ପୋଷ୍ଟରେ ପରିଣତ କରିପାରିବେ। ଏହିଭଳି ୧୦ ହଜାର ଜିଆ (୧୦ କେଜି) ପାଞ୍ଚ ବର୍ଗମିଟର ଖାତର ମାସକୁ ୧ ଟନ୍ କମ୍ପୋଷ୍ଟ ତିଆରି ହୋଇ ପାରିବ।

**ଜିଆଖତ ପ୍ରସ୍ତୁତିରେ ସାବଧାନତା :**

୧. ସୂର୍ଯ୍ୟକିରଣ ବା ବର୍ଷାପାଣି ଗାତରେ ନ ପଡ଼ିବା ପାଇଁ ଗାତ ଉପରେ ଚାଳିଆ କରିବା ଦରକାର।

୨. ମୂଷା, ଝିଟିପିଟି ଓ ଚଢ଼େଇମାନଙ୍କ ଦାଉରୁ ଜିଆକୁ ରକ୍ଷା କରିବା ପାଇଁ ଗାତ ଉପରେ ତାର ଜାଲି ରଖିବା କଥା।

୩. କୁଣ୍ଡର ଚଟାଣକୁ ଗୋଟିଏ ପଟକୁ ଗଡ଼ାଣିଆ ରଖିଲେ ଜଳ ଜମି ରହେ ନାହିଁ।

୪. ଅଧିକ କିମ୍ବା କମ୍ ଜଳସେଚନ କରିବା ଉଚିତ ନୁହେଁ।

୫. ଜିଆ ଖାଦ୍ୟକୁ ବେଶି ଓଲଟପାଲଟ କରିବା ଉଚିତ ନୁହେଁ।

୬. ଅନ୍ୟ ଜିଆ ଯେପରି କୁଣ୍ଡରେ ନପଶେ ତା'ପାଇଁ ସିମେଣ୍ଟ ଚଟାଣ କିମ୍ବା ପଲିଥିନ୍ ଢଙ୍କାଯାଏ।

୭. କଞ୍ଚା ଗୋବର ଖତ କିମ୍ବା ଭଲ ଭାବରେ ସଢ଼ିନଥିବା ଖାଦ୍ୟ ପ୍ରୟୋଗ କଲେ କୁଣ୍ଡ ମଧ୍ୟରେ ଉତ୍ତାପ ବଢ଼ି ଜିଆସବୁ ମରିବାର ସମ୍ଭାବନା ଥାଏ।

ଭର୍ମି କମ୍ପୋଷ୍ଟର ଖାଦ୍ୟସାର ମୂଲ୍ୟ :

| | | | | |
|---|---|---|---|---|
| ଜୈବ ଅଙ୍ଗାରକ | - | ୯.୧୫ | - | ୧୭.୭% |
| ଯବକ୍ଷାରଜାନ | - | ୦.୫ | - | ୧.୫% |
| ଫସ୍‌ଫରସ୍ | - | ୦.୧ | - | ୦.୩% |
| ପୋଟାସିୟମ୍ | - | ୦.୧୫ | - | ୦.୬% |
| ସୋଡିୟମ୍ | - | ୦.୦୬ | - | ୦.୩% |
| ତମ୍ବା | - | ୨.୦ | - | ୯.୫ ନିୟୁତାଂଶ |
| ଲୁହା | - | ୨୧ | - | ୨୨ ନିୟୁତାଂଶ |
| ଦସ୍ତା | - | ୫.୭ | - | ୧୧ ନିୟୁତାଂଶ |
| ଗନ୍ଧକ | - | ୧୨୮ | - | ୫୪୮ ନିୟୁତାଂଶ |



## ଜିଆ ଖତର ବ୍ୟବହାର :

ଫସଲ ଅନୁଯାୟୀ ଜିଆ ଖତ ଏକର ପ୍ରତି ୨-୫ ଟନ୍ ପ୍ରୟୋଗ କରାଯାଇଥାଏ।

| ଫସଲ | | ଏକର ପ୍ରତି ଜିଆଖତ (ଭର୍ମି କମ୍ପୋଷ୍ଟ)ର ପରିମାପ |
|---|---|---|
| ଶସ୍ୟ ଜାତୀୟ | - | ୨ ଟନ୍ |
| ଡାଲି ଜାତୀୟ | - | ୨ ଟନ୍ |
| ତୈଳବୀଜ ଜାତୀୟ | - | ୩-୫ ଟନ୍ |
| ପନିପରିବା | - | ୪-୬ ଟନ୍ |
| ଫଳ | - | ଗଛ ପ୍ରତି ୨-୩ କି.ଗ୍ରା. |
| କୁଣ୍ଡ ଗଛ | - | କୁଣ୍ଡ ପ୍ରତି ୨୫ଗ୍ରାମ୍ |
| ଅର୍ଥକାରୀ ଫସଲ | - | ୫ ଟନ୍ |

# ଭର୍ମି କମ୍ପୋଷ୍ଟ


ତଥ୍ୟ :

ତିର୍ଯ୍ୟକ କୁମାର ସାମନ୍ତ

ସୁଶାନ୍ତ କୁମାର ସ୍ୱାଇଁ

ଦେବବ୍ରତ ପାଣିଗ୍ରାହୀ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ଭର୍ମି କମ୍ପୋଷ୍ଟ

ପ୍ରକୃତି ବନ୍ଧୁ ଜିଆକୁ ବ୍ୟବହାର କରି କୃଷିଜାତ ଅଦରକାରୀ ଜୈବିକ ପଦାର୍ଥକୁ ଦହନ ପ୍ରଣାଳୀରେ ଉନ୍ନତ ମାନର ଖତ ବା କମ୍ପୋଷ୍ଟ ବା ଜମି ଉପଯୋଗୀ ଯେଉଁ ଜୈବିକ ଖତରେ ପରିଣତ କରାଯାଏ ତାକୁ ଭର୍ମି କମ୍ପୋଷ୍ଟ ବା ଜିଆ ଖତ କୁହାଯାଏ। କମ୍ପୋଷ୍ଟ ତିଆରି ପାଇଁ କେତେକ ନିର୍ଦ୍ଦିଷ୍ଟ କିସମ ଜିଆକୁ ବ୍ୟବହାର କରାଯାଇଥାଏ। ଯଥା- ଏଇସେନିଆ ଫୋଏଟିଡ଼ା, ଇଉଡ୍ରିଲସ୍ ଇଉଜିନି, ଲୁମ୍ବ୍ରିକମ୍ ରୁବେଲସ୍।




## ଜିଆଖତର ଉପକାରିତା :

୧. ସାଧାରଣ କମ୍ପୋଷ୍ଟ ତିଆରି କରିବାକୁ ୬ମାସ ସମୟ ଲାଗୁଥିବା ବେଳେ, ଜିଆମାନଙ୍କୁ ବ୍ୟବହାର କରି କମ୍ପୋଷ୍ଟ କଲେ ୧-୨ମାସ ସମୟ ଲାଗିଥାଏ।

୨. ସାଧାରଣ କମ୍ପୋଷ୍ଟ ଠାରୁ ଏଥିରେ ଖାଦ୍ୟସାରର ମାତ୍ରା ଅଧିକ ରହିବା ସହ ବିଭିନ୍ନ ପ୍ରକାରର ହରମୋନ୍, ଭିଟାମିନ୍ ଇତ୍ୟାଦି ରହିଥାଏ।

୩. କମ୍ପୋଷ୍ଟ ଗଦାରେ ଜିଆମାନେ ଉପରତଳ ଚଳପ୍ରଚଳ ହେଉଥିବାରୁ ଭିତରକୁ ଅମ୍ଳଜାନ ସହଜରେ ଯାଇଥାଏ ଓ କମ୍ପୋଷ୍ଟରୁ କୌଣସି ଦୁର୍ଗନ୍ଧ ବାହାରି ନଥାଏ।

୪. ଫସଲରେ ଏହାର ପ୍ରୟୋଗରେ ଫଳ ଓ ପନିପରିବାର ଗୁଣାତ୍ମକ ମାନ ଯଥା, ଉଜ୍ଜ୍ୱଳ ଦିଶିବା, ଅଧିକ ସ୍ୱାଦିଷ୍ଟ ହେବ, ଅଧିକ ଦିନ ତାଜା ରହିବା, ଠିକ୍ ସମୟରେ ଫୁଲ ଫୁଟିବା, ଫଳ ନଝଡ଼ିବା ଓ ଅମଳ ବଢ଼ିବା ଆଦି ଲାଭ ମିଳିଥାଏ।



୫. ଜିଆ କମ୍ପୋଷ୍ଟରେ ରୋଗ ସୃଷ୍ଟିକାରୀ ଅଣୁଜୀବ ଅନ୍ୟ କମ୍ପୋଷ୍ଟ ତୁଳନାରେ କମ୍ ଥାଆନ୍ତି।

୬. ଜିଆଖତ ସହ ଛୋଟ ଜିଆ, କୋଷା ଓ ଅଣ୍ଡା ମିଶି ରହିଥିବାରୁ ଜମିରେ ପଡ଼ିବା ପରେ ଉପଯୁକ୍ତ ପରିବେଶ ପାଇଲେ, ଜିଆର ବଂଶବୃଦ୍ଧି ହୋଇଥାଏ ଓ ମାଟିର ଉର୍ବରତା ବଢ଼ିଥାଏ।

୭. ଫସଲର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

୮. ଜିଆ କମ୍ପୋଷ୍ଟ ତିଆରିବେଳେ, ଜିଆର ବଂଶବୃଦ୍ଧି ହେଉଥିବାରୁ ଜିଆ ବିକ୍ରିକରି ମଧ୍ୟ ଆୟ ବୃଦ୍ଧି କରାଯାଇପାରେ।

## ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି ପ୍ରଣାଳୀ :

ଗାତ, କଂକ୍ରିଟ୍ ଟାଙ୍କି, ରିଙ୍ଗ କୂପ, ମାଟି ଚଟାଣ ବା ଉଚ୍ଚା ଜାଗାରେ କମ୍ପୋଷ୍ଟ କରାଯାଇପାରେ। ଫସଲ ବା ଗଛର ଅବଶିଷ୍ଟାଂଶକୁ ୨/୩ ଦିନ ପର୍ଯ୍ୟନ୍ତ ଖରାରେ ଗୋଟିଏ ଜାଗାରେ ଶୁଖାଇ ରଖି ଗୋଟିଏ ବାଡ଼ି ସାହାଯ୍ୟରେ ବାଡ଼େଇ ଛୋଟ ଅଂଶରେ ପରିଣତ କରାଯାଏ। ଏହାକୁ ସଂଗ୍ରହ କରି ରଖିବା ପାଇଁ କମ୍ପୋଷ୍ଟ ଖତ (୨ମି/ ୧ମି/ ୧ମି) କିମ୍ବା ମାଟି ଉପରେ ଇଟା ନିର୍ମିତ ଏକ ସ୍ଥାୟୀ କୁଣ୍ଡ ଛାଇ ତଳେ ତିଆରି କରାଯାଏ। ଖାତ ଭିତରକୁ ବର୍ଷା ପାଣି ନ ପଡ଼ିବା ପାଇଁ ଚାରିପଟେ ୧୦-୨୦ ସେମି ଉଚ୍ଚର ଏକ ମାଟି ହୁଡ଼ା ଗଢ଼ି ଦେଲେ ଭଲ। ଭିତର ଚଟାଣକୁ ପାଣି ନିଷ୍କାସନ ପାଇଁ ଗୋଟିଏ ପାଖକୁ ଗଡ଼ାଣିଆ କରାଯାଏ। ସ୍ଥାୟୀ ସିମେଣ୍ଟ




କୁଣ୍ଡର ଭିତର ପାର୍ଶ୍ୱକୁ ସିମେଣ୍ଟରେ ପଲସ୍ତରା କରି ପାଣି ନିଷ୍କାସନ ପାଇଁ ଛିଦ୍ର କରାଯାଏ। ଖାତର କିମ୍ବା କୁଣ୍ଡର ଚଟାଣରେ ୧୦ ସେ.ମି. ବହଳର ବାଲି ଓ ଛୋଟ ଛୋଟ ଭଙ୍ଗା ଇଟା ଜଳ ନିଷ୍କାସନ ସୁବିଧା ପାଇଁ ବିଛାଇ ଦିଆଯାଏ। ଏହା ଉପରେ ୧୫ ସେ.ମି. ବହଳର ବାଲିଆ ମାଟି କିମ୍ବା ବାଲି ଦୋରସା ମାଟିର ଏକ ସ୍ତର ଦିଆଯାଇ ତା'ଉପରେ ୪.୫ କି.ଗ୍ରା. ଗୋବରକୁ ପାଣିରେ ଗୋଳାଇ ପକାଯାଏ। ଏହାକୁ ଜିଆର ବାସ ଶଯ୍ୟା ବା ଭର୍ମି ବେଡ୍ କୁହାଯାଏ। ସଂଗୃହୀତ ଜୈବିକ ପଦାର୍ଥକୁ ସାମାନ୍ୟ ଓଦାକରି ବାସ ଶଯ୍ୟା ଉପରେ ୧୫-୨୦ ସେ.ମି. ଉଚ୍ଚତାରେ ସ୍ତର ସ୍ତର କରି ରଖାଯାଏ ଓ ପ୍ରତ୍ୟେକ ସ୍ତରରେ ଗୋବରର ପ୍ରଲେପ ଦିଆଯାଏ। ଏହି ପରି ୩ଟି ସ୍ତରରେ ଖାତଟିକୁ ପୁରଣ କରାଯାଏ। ପ୍ରାୟ ୫୦-୬୦ କି.ଗ୍ରା. କଟା ନଡ଼ା ଓ




ଗୋବର ଖତ ଦ୍ୱାରା ଖାତଟି ପୁରଣ କରାଯାଏ। ଉପର ସ୍ତରକୁ ଝୋଟ ଅଖାରେ ବା ପଲିଥିନ୍ ଜରିରେ ଛିଦ୍ର କରି ଘୋଡ଼ାଇ ଦିଆଯାଏ।ଏହି ଅବସ୍ଥାରେ ୨-୩ ସପ୍ତାହ ପର୍ଯ୍ୟନ୍ତ ଛାଡ଼ିଦିଆଯାଏ। ଆଂଶିକ ଦହନ ଫଳରେ ଜୈବିକ ପଦାର୍ଥର ଗଦା ସାମାନ୍ୟ ନରମ ଓ କଳା ପଡ଼ିଯାଏ।

ଉଚ୍ଚତା କମିଯାଇ ଉପର ପ୍ରଲେପରେ ଫାଟ ଦେଖାଯିବ। ଏହି ଅବସ୍ଥାରେ ଅନ୍ତତଃ ୧୦ଟି ଜିଆ କିମ୍ବା ପ୍ରତି ୧ କେଜି ଜୈବିକ ପଦାର୍ଥ ପାଇଁ ୧୦ ଗୋଟି ହିସାବରେ ଜିଆ ଛଡ଼ାଯାଏ। ଜିଆକୁ ଅଖା ଟେକି ଛାଡ଼ିଦେଲେ ତାହା ଛିଦ୍ର ଦେଇ ଆପେ ଆପେ ଗଦା ଭିତରକୁ ପଶିଯିବେ। ଏହିପରି ଅବସ୍ଥାରେ ଏକମାସ ପର୍ଯ୍ୟନ୍ତ ଛାଡ଼ି ଦିଆଯିବ। ମାସେ ପରେ ଗଦାକୁ ଭାଙ୍ଗି ଉପର ସ୍ତରକୁ ତଳ ଓ ତଳ ସ୍ତରକୁ ଉପରକୁ ନିଆଯାଏ। ଜିଆ ଉପରକୁ ଆସିଗଲେ ମଧ୍ୟ ପୁନର୍ବାର ଭିତରକୁ ପଶିଯାଇ ଭର୍ମି ବେଡ୍‌ରେ ରହିବେ। ଏହାକୁ ପୁନର୍ବାର ଅଖାରେ ଆବୃତ କରାଯାଏ। ଗଦା ଭାଙ୍ଗିବାର ୧ ମାସ ପରେ ଦେଖାଯିବ ଯେ ଜୈବିକ ପଦାର୍ଥର ରାସାୟନିକ ପରିବର୍ତ୍ତନ ହୋଇ କଳା, ଧୂସର ରଙ୍ଗ, ହାଲୁକା ହୋଇଛି ଏବଂ ଦୁର୍ଗନ୍ଧ ନାହିଁ। ଏହି ଅବସ୍ଥାକୁ ଆସିଲେ ଭର୍ମି କମ୍ପୋଷ୍ଟ ପ୍ରସ୍ତୁତ ହୋଇଥାଏ। କମ୍ପୋଷ୍ଟ ମଧ୍ୟ ନରମ ଓ ସଞ୍ଜ ଭଳି ଜଣାପଡ଼େ। କମ୍ପୋଷ୍ଟ